DOI :https://doi.org/10.5281/zenodo.13705097 ମୂଳ ପ୍ରବନ୍ଧ

# କ୍ରମଶଃ ଛିଡ଼ି ଯାଉଥିବା ପରମ୍ପରାର ସୂତାଖିଅ: ବିତର୍କିତ ଅପରାହ୍ନ

## ରଞ୍ଜନ କୁମାର ଖଣ୍ଡା

**ସଂକ୍ଷିପ୍ତସାର :**

ଓଡ଼ିଆ ନାଟକରେ ନବନାଟ୍ୟ ଆନ୍ଦୋଳନ ଏକ ଆହ୍ୱାନ । ପେଟେ ହସି ବହେ କାନ୍ଦିବା ଏହାର ଧର୍ମ ନୁହେଁ । ବରଂ ବ୍ୟକ୍ତି ମନରେ ସଂଗୋପ୍ତ ଭାବନାର ପରିପ୍ରକାଶ କରିବାର ଏକ ପ୍ରବାହ । ନାଟ୍ୟକାର ମନୋରଞ୍ଜନ ଦାସ ଏହି ଆନ୍ଦୋଳନର ସୂତ୍ରପାତ କରିଥିଲେ ଆଗାମୀ (୧୯୫୦) ନାଟକ ପରଠାରୁ । ଏହି ଶୈଳୀକୁ ମୁଁ ସମସାମୟିକ କେତେକ ନାଟ୍ୟକାର ଗ୍ରହଣ କରି ନାଟକ ରଚନାରେ ପ୍ରବୃତ୍ତ ରହିଲେ । ନାଟକର ଏହି ପରିବର୍ତ୍ତନର ଧାରାକୁ ଲକ୍ଷ୍ୟକରି ଅନେକ ଆଲୋଚକ ଆବସର୍ଡ଼ ବା ଉଦ୍ଭଟଧର୍ମୀ ନାଟକ ଭାବରେ ଗ୍ରହଣ କଲେ ତ ଆଉ କେହି ଏହି ଧାରାକୁ ଇଂଟେଲକ୍‌ଚୁଆଲ ନାଟକ ଭାବରେ ଗ୍ରହଣ କଲେ । ଯାହାର ଦର୍ଶକ ପାଲଟିଲେ ବୁଦ୍ଧିଜିବି ଗୋଷ୍ଠୀର ବ୍ୟକ୍ତିମାନେ । ନାଟ୍ୟକାର ମନୋରଞ୍ଜନ ଦାସ 'ଆଗାମୀ'ରେ ଯେଉଁ ପରୀକ୍ଷା ନିରୀକ୍ଷା କରିଥିଲେ ତାହା 'ବିତର୍କିତ ଅପରାହ୍ନ' (୧୯୭୯) ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଆଲୋଚିତ "ପୁରୁଷାନୁକ୍ରମିକଧାରାର ବ୍ୟବଧାନ ଭିତରେ ଛିଡ଼ି ଯାଉଥିବା ପାରମ୍ପରିକତାର ସୂତାଖିଅ "ବିତର୍କିତ ଅପରାହ୍ନ" ଏକ ବିହଙ୍ଗାବୋଲକନ" ପ୍ରବନ୍ଧଟିରେ ନାଟ୍ୟକାର ମନୋରଞ୍ଜନ ଦାସ ଯେଉଁ ବ୍ୟକ୍ତିର ଅନ୍ତଃମନକୁ ନେଇ ପରୀକ୍ଷା କରିଛନ୍ତି, ତାହାହିଁ ହେଉଛି ମୋର ଆଲୋଚନାର ପ୍ରମୁଖ ବିଷୟବସ୍ତୁ । ଏଥିରେ ଉତ୍ତର ସତୁରୀ ପରର ଶୈଳୀ, ଫିଜ୍ ଟେକ୍‌ଟିକ୍, ଲୋକଶୈଳୀର ବ୍ୟବହାର ଭିତରେ ନାଟକକୁ ଯେଉଁଭଳି ଭାବରେ ଦେଖାଇଛନ୍ତି, ତାହାକୁ ମୁ ଆଲୋଚନା ପରିସର ଭିତରେ ରଖିଛି । Generation Gap ର ଫ୍ରେମ ଭିତରେ ତିନୋଟି ପିଢି ଯଥା - ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଯୁଗାଶ୍ରୟୀ ଚେତନାକୁ ଏଠାରେ ଉପଜୀବ୍ୟ କରାଇଛି । ଅତୀତ ଓ ବର୍ତ୍ତମାନ ଅପେକ୍ଷା ଭବିଷ୍ୟତର ଦ୍ୱାର କେତେ ବିଶୃଙ୍ଖଳ ପାଲଟିଛି ଏବଂ ଏହି ଭିତରେ ଅତ୍ୟାଧୁନିକ ମଣିଷର ଜୀବନ କେତେ ଦୁର୍ବିସହ ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛି । ପରିଶେଷରେ ନାଟ୍ୟକାର ଯେଉଁ ମଂଚ କୌଶଳର ପ୍ରୟୋଗ କରିଥିଲେ ସେହି ମଂଚ କୌଶଳ ସଂପର୍କରେ ସଂକ୍ଷିପ୍ତ ବିବରଣୀ ଦେଇ ଆଲୋଚିତ ପ୍ରବନ୍ଧଟିର ପରିସମାପ୍ତ କରିଛି ।

ପ୍ରମୁଖ ଶବ୍ଦ : ନବନାଟ୍ୟ ଆନ୍ଦୋଳନର ପୁରୁଷାନୁକ୍ରମିକ ଧାରା, ବ୍ୟବଧାନ, ଆଧୁନିକତାର ସ୍ୱାଦ, ଆଧାତ୍ମିକତାର କୁଠାରଘାତ, ଉଦ୍ଭଟ ନାଟକ, ସ୍ୱାଧିନତାର ପରବର୍ତ୍ତି ନାଟକ, ପ୍ରତୀକ, ପିଢିଗତ ବ୍ୟବଧାନ ଇତ୍ୟାଦି ।

### ॥ ଏକ ॥

୧୯୫୦ ପରବର୍ତ୍ତୀ ସମୟରେ ନାଟକର ଯେଉଁ ବ୍ୟବଧାନର ସୂତ୍ରପାତ ଘଟିଥିଲା, ତାହାର ପଙ୍କପୁରୋଧା ଥିଲେ ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସ । ସେ ନାଟକକୁ ନେଇ ସୌଦା କରିନଥିଲେ ବରଂ ନାଟକରେ ଥିବା ସୌଦାର ମିଶ୍ରଣକୁ ଦେଖାଇଥିଲେ । ଏଥିସହିତ ସେ ଯେଉଁ ଚରିତ୍ର ଗୁଡ଼ିକୁ ମଂଚରେ ଦେଖାଇଲେ, ସେହି ଚରିତ୍ର ଗୁଡ଼ିକୁ ସମାଜରୁ ହିଁ ସାଉଁଟିଲେ । ଏବଂ ସମାଜର ବାସ୍ତବ ଚିତ୍ରକୁ ଏଇମାନଙ୍କ ଜରିଆରେ ଦେଖେଇ ସେ ସାଉଁଟିଲେ ନିନ୍ଦା ଓ ପ୍ରଶଂସାକୁ । ଯେଉଁଠାରୁ ତାଙ୍କୁ ନୂତନ କିଛି କରିବାର ପ୍ରେରଣା ମିଳିଲା । ସେ ମୁଖ୍ୟତଃ ନାଟକ ରଚନା ପାରମ୍ପରିକ ଶୈଳୀରୁ ହିଁ ଆରମ୍ଭ କରିଥିଲେ, କିନ୍ତୁ ୧୯୫୦

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13705097
Article No - BPPP00219

**ରଞ୍ଜନ କୁମାର ଖଣ୍ଡା,** ଓଡ଼ିଆ ଅଧ୍ୟାପକ,
ଝାଡ଼େଶ୍ୱର ଜୁନିୟର ମହାବିଦ୍ୟାଳୟ,
ଟୋଲକାନୀ, ଯାଜପୁର
**E-Mail ID :** ranjankumarkhanda@gmail.com
**ORCID ID :** https://orcid.org/0009-0001-9625-2354

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୭.୮.୨୦୨୪ | ୨୫.୮.୨୦୨୪ | ୧.୯.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଖଣ୍ଡା, ରଞ୍ଜନ କୁମାର ; ୨୦୨୪ । କ୍ରମଶଃ ଛିଡ଼ି ଯାଉଥିବା ପରମ୍ପରାର ସୂତାଖିଅ: ବିତର୍କିତ ଅପରାହ୍ନ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ; ପୃଷ୍ଠା :୧୫-୨୧ ।

ମସିହା ବେଳକୁ ଏହି ନାଟକ ଗୁଡ଼ିକରେ ପରିବର୍ତ୍ତନ ଆଣିବାରେ ଚେଷ୍ଟା କରିଥିଲେ । ସଫଳ ବି ହେଲେ । ଯାହାର ଆଦ୍ୟ ସଙ୍କେତ ହେଉଛି 'ଆଗାମୀ'(୧୯୫୦) ନାଟକ । ଏଥିରେ ମୁଖ୍ୟତଃ ସେ ଶିଳ୍ପପତି ଓ ଶ୍ରମିକ ସମସ୍ୟାକୁ ଦେଖାଇ ଶୋଷକମାନେ କିପରି ଶୋଷିତକୁ ଶୋଷଣ କରିଛନ୍ତି, ତାହାର ଜ୍ୱଳନ୍ତ ଚିତ୍ର ଦେଖାଇଲେ । ଏଥିରେ ପାଶ୍ଚାତ୍ୟ ଶୈଳୀର ନୂତନ ଦର୍ଶନର ପ୍ରୟୋଗ କଲେ । ଫଳରେ ଏହିଠାରୁ ନାଟକ ଗୁଡ଼ିକ ଆସ୍ତେ ଆସ୍ତେ ପାରମ୍ପରିକ ରୀତିରୁ ବାହାରି ବୌଦ୍ଧିକତା ଭିତରେ ଆବଦ୍ଧ ହେଲା । ତେଣୁ ଏଥିପାଇଁ ପେସାଦାରୀ ମଂଚ କ୍ରମେକ୍ରମେ ଲୁପ୍ତ ହେବାକୁ ବସିଲା, ତାହାରି ସ୍ଥାନ ମଣ୍ଡନ କଲା ସୌଖିନୀ ମଂଚ । ନାଟକର ଏହି ଯେଉଁ ପରିବର୍ତ୍ତନ ହେଲା, ସେଥିପାଇଁ ନାଟ୍ୟକାରମାନେ ନିଜେ ହିଁ ଦାୟୀ ବୋଲି ଡକ୍ଟର ହେମନ୍ତ କୁମାର ଦାସ କହିଛନ୍ତି । ଆହୁରି ମଧ୍ୟ ସେ କହିଛନ୍ତି- "ପରୀକ୍ଷାଧର୍ମୀ ନାଟକ ଗଡ଼ିକ ଓଡ଼ିଆ ବ୍ୟବସାୟୀମଂଚର ପତନର କାରଣ – ଏହିଭଳି ଏକ ତ୍ରୁଟିପୂର୍ଣ୍ଣ ମନ୍ତବ୍ୟକୁ ଗୁରୁତ୍ୱ ଦେବାର କୌଣସି କାରଣ ନାହିଁ । ବ୍ୟବସାୟୀ ମଂଚର ବିଲୟ ଘଟିଛି, ତାହାର ନିଜସ୍ୱ ଉଦାସୀନତା ଦର୍ଶକ ମନସ୍ତତ୍ୱ ସମ୍ପର୍କୀୟ ଅଜ୍ଞତାରୁ ଅଥବା ଉପେକ୍ଷାରୁ । ଦର୍ଶକୀୟ ରୁଚି ପରିବର୍ତ୍ତନର ସମ୍ବାଦ ଯଦି ବ୍ୟବସାୟୀ ମଂଚ ପାଖରେ ପହଂଚି ପାରିଲା ନାହିଁ, ତେବେ ସେ ଅପରାଧ କାହାର ? ଦୁଇ ଦଶନ୍ଧି ଧରି ଦର୍ଶକ ଯେଉଁ ଅଭିନେତାମାନଙ୍କୁ ଦେଖି ଆସୁଥିଲେ, ସେମାନଙ୍କ ପ୍ରଚଣ୍ଡ ଶକ୍ତିମତ୍ତା ସତ୍ତ୍ୱେ ନୂଆ ମୁହଁ ଦେଖିବାର କାମନା ଦର୍ଶକମାନଙ୍କ ପକ୍ଷରେ ଅଯୌକ୍ତିକ ବୋଲି କୁହାଯାଇଛି । ଏ ସମ୍ପର୍କରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ବ୍ୟବସାୟୀ ଦୃଷ୍ଟିକୋଣର ଅଭାବ, ସାଂଗଠନିକ କାରଣରୁ ହିଁ ମଂଚର ପତନ ଘଟିଛି । ପରିସ୍ଥିତି ସହିତ ପାଦ ମିଳାଇ ଚାଲିବାର ଉଦ୍ୟମ ହୋଇଥିଲେ, ଦୀର୍ଘକାଳ ମଂଚ ସହିତ ସମ୍ପର୍କ ରଖୁଥିବା ଦର୍ଶକମାନେ ମଂଚ ବିମୁଖ ହୋଇନଥାନ୍ତେ ।" (୧)

ଏହା ମଧ୍ୟ ସତ, କିନ୍ତୁ ଏଥିପାଇଁ ନାଟ୍ୟକାରଙ୍କୁ କେବଳ ଦୋଷ ଦେଇଦେଲେ ହେବ ନାହିଁ । କାରଣ ନାଟକ ନାଟ୍ୟକାର କାହା ପାଇଁ ଲେଖିବ, ଦର୍ଶକ ପାଇଁ ନା ନିଜ ପାଇଁ ? ଯଦି ନାଟ୍ୟକାର ନିଜ ପାଇଁ ଲେଖିବ ତେବେ ସେ କାହିଁକି ଲେଖିବ ? କାହିଁକି ଅଯଥା ସମୟତକ ସେଥିରେ ସେ ବିନିଯାଗ କରିବ । ଆଜିର ସୀମିତ ସମୟ ଭିତରେ ମଣିଷ ଯେତେବେଳେ ନିଜକୁ ଦେଖୁଛି ସେ ସେତିକି ବେଳେ ଲୋକମାନଙ୍କ ହୃଦୟରେ ବସିବାକୁ ଚେଷ୍ଟା କରୁଛି । ସେଥିପାଇଁ ତ ଏହିସବୁ ଲେଖା । କେବେ ଦେଖିଛନ୍ତି କେହି ନିଜକୁ ହାଲ୍କା କରିବା ପାଇଁ କେବେ କିଛି ଲେଖିବାର । ହୁଏତ କେହି କେହି ଏକଥାରେ କହିବେ ହିଁ ଲେଖକ ନିଜ ପାଇଁ ଲେଖେ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ଭୁଲ୍ ଧାରଣା । ହିଁ ବ୍ୟକ୍ତି ଲେଖେ ନିଜ ପାଇଁ କିନ୍ତୁ ତାହା କାବ୍ୟ-କବିତା କି ଉପନ୍ୟାସ ଗଳ୍ପ କିମ୍ବା ନାଟକ ନୁହେଁ, ବରଂ ତାହାକୁ ଏକ ଅନୁଭୂତି ତଥା ପତ୍ର ଭାବରେ ଗଣନା କରାଯାଏ । ତେଣୁ ଡକ୍ଟର ଶ୍ରୀ ଦାସ ନାଟ୍ୟକାର ମାନଙ୍କ ପ୍ରତି ଏଭଳି ହୀନ ମନ୍ତବ୍ୟ ଗ୍ରହଣୀୟ ନୁହେଁ । ସେ ଏଭଳି ବି କହିପାରିଥାନ୍ତେ କି ନାଟକ ରଚନା କରିବା ବେଳେ ସ୍ୱଚେତନାକୁ ଦର୍ଶକୀୟ ଚେତନା ସଙ୍ଗେ ସ୍ଥାପିତ କରି ନାଟକ ଲେଖିଲେ ତାହା ଅରୁଚିକର ହେବ ନାହିଁ । ସେ ଯାହାବି ହେଉ ନାଟକର ଏହି ପରିବର୍ତ୍ତନ ହିଁ ନାଟକକୁ ଏକ ନୂତନ ଦିଶାରେ ପରିଚାଳିତ କରିଛି । ଏହି ଶୈଳୀକୁ ଅନ୍ୟ ଯେଉଁ ନାଟ୍ୟକାରମାନେ ଗ୍ରହଣ କରି ଲେଖନୀ ଚାଳନା କଲେ ସେମାନେ ହେଲେ – ଯଦୁନାଥ ଦାସ ମହାପାତ୍ର (ଅଥବା ଅନ୍ଧକାର),ପ୍ରଫୁଲ୍ଲ ରଥ, ବିଜୟ ମିଶ୍ର, ବିଶ୍ୱଜିତ ଦାସ, ରତ୍ନାକର ଚଇନି, ରମେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ରଥ, ଡଃ ସୁବୋଧ ପଟ୍ଟନାୟକ, ହରିହର ମିଶ୍ର ଆଦି ନାଟ୍ୟକାରମାନେ ନିଜ ନିଜ ନାଟକ ଗୁଡ଼ିକରେ ବହୁ ପରୀକ୍ଷା-ନିରୀକ୍ଷା କରି ନାଟକ ରଚନା କଲେ । ଯାହାଦ୍ୱାରା ନାଟକ ଏକ ନିର୍ଦ୍ଦିଷ୍ଟ ଫର୍ମରେ ପଡ଼ିପାରିବ । ଏମାନେ ମୁଖ୍ୟତଃ ବ୍ୟକ୍ତିର ଅବଚେତନ ମନର ଅବଦମିତ ଅଭିଳାଷକୁ ଦର୍ଶକ ସମ୍ମୁଖକୁ ଆଣିବାକୁ ଚେଷ୍ଟା କଲେ । ନାଟକରେ ଏହି ନୂତନ ଚିନ୍ତାଧାରା ଗୋଷ୍ଠୀକୁ ପ୍ରଭାବିତ ନକରି ବ୍ୟକ୍ତିକୁ ପ୍ରଭାବିତ କଲା । ଫଳରେ ଇବସେନ, ବର୍ଣ୍ଣାଡ଼ ଶ, ଷ୍ଟ୍ରିଣ୍ଡବର୍ଗ, ଫ୍ରଏଡ଼ ଆଦି ପାଶ୍ଚାତ୍ୟ ଦାର୍ଶନିକମାନେ ସେମାନଙ୍କର ଆଦର୍ଶ ପାଲଟିଗଲେ । ନାଟକର ଏହି ପରିବର୍ତ୍ତିତ ଧାରାକୁ ଲକ୍ଷ୍ୟ କରି ପୁଣି ଏକ ସୁହାଇଲା ପରି ମନ୍ତବ୍ୟ ଆଲୋଚକ ଡକ୍ଟର ଶ୍ରୀ ଦାସ ଦେଇ କହିଛନ୍ତି- "ନୂତନ ସଂସ୍କୃତିର ଯେଉଁ ହାୱା ବହିଲା, ତହିଁରେ ଲୋକ ରୁଚିର ପରିବର୍ତ୍ତନ ଘଟିଲା । ପରଂପରା ଯେ ନୀରବରେ ଆଉ ବିନା ପ୍ରତିବାଦରେ ଆଗନ୍ତୁକକୁ ନିଜସ୍ଥାନ ଛାଡ଼ିଦେଇ ବାହାରିଗଲା ଏହା ନୁହେଁ, ନବୀନ-ପ୍ରାଚୀନକୁ ସ୍ଥାନ ଛାଡ଼ି ଦେବାକୁ ଏକ ପ୍ରକାର ବାଧ୍ୟ କଲା କହିଲେ ଚଳେ । ସାମାଜିକ ଚଳଣି, ମୂଲ୍ୟବୋଧ ପ୍ରତି ନିଷ୍ଠା, ଶୃଙ୍ଖଳା, ସଂଯମ-ପ୍ରତ୍ୟେକରେ ଯୁବଗୋଷ୍ଠୀ ତ୍ରୁଟି ଆବିଷ୍କାର କରି ସେସବୁକୁ ଅସ୍ୱୀକାର କରିବାକୁ ଆରମ୍ଭ କଲେ । ପରିଣାମରେ ନବୀନ ପ୍ରାଚୀନ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇଉଠିଲା, ଯାହାକୁ କୁହାଗଲା Generation Gap ଜନିତ ଭୁଲ୍ ବୁଝାମଣା । ତାହାର ପ୍ରଭାବରୁ ଆଜିର ସମାଜ ମଧ୍ୟ ମୁକ୍ତ ହୋଇପାରି ନାହିଁ । ତେବେ ତାରୁଣ୍ୟ ନିକଟରେ ପ୍ରବୀଣକୁ ଅନ୍ତତଃ ପରାଜୟ ସ୍ୱୀକାର କରିବାକୁ ହିଁ ହେଲା । ଯୁଗେ ଯୁଗେ ନୂତନ ପୁରାତନକୁ ତଡ଼ିଦେଇ ଏମିତି ନିଜେ ତାହାର ସ୍ଥାନ ଅଧିକାର କରେ । ସମୟର ପ୍ରଭାବରେ ସେଇ ନୂତନ ମଧ୍ୟ ଦିନେ ପୁରାତନ ହୁଏ । ତାର ସ୍ଥାନ ନିଏ ଆହୁରି ନୂତନ । ଏମିତି ଚାଲିଥାଏ ।" (୨) ଶ୍ରୀ ଦାସଙ୍କର ଏହି ମନ୍ତବ୍ୟ ସମୟସାପେକ୍ଷ । ପ୍ରଥମରୁ ସେ ନାଟ୍ୟକାରଙ୍କୁ ନୂତନତାର ଦୃଷ୍ଟିକୋଣ ତଥା ପରିବର୍ତ୍ତନ ପାଇଁ ଦାୟୀ କରୁଥିଲା ବେଳେ ପୁନଶ୍ଚ ସେଇ ନୂତନତାକୁ ସେ ସ୍ୱୀକାର କରିଛନ୍ତି । ଆହୁରି ପୁଣି କହିଛନ୍ତି ଯେ, ସମୟ ହିଁ ଏହି ନୂତନତାର ପରିପନ୍ଥୀ । ତେଣୁ ଏହି କଥାକୁ ସ୍ୱୀକାର କରିବାକୁ ତାଙ୍କୁ ଅନେକ ବର୍ଷ ବୋଧହୁଏ ଲାଗିଗଲା ।

ସେ ଯାହା ହେଉ, ନାଟକରେ ଏହି ନୂତନତା ହିଁ ନୂତନ ଅଭାସର ଦିଗବାରେଣୀ । ଯାହାକି ଆମେ ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସଙ୍କର "ବିତର୍କିତ ଅପରାହ୍ନ" ରେ ଦେଖିବାକୁ ପାଉ । ଏହାର ରଚନା କାଳ ୧୯୭୯ ମସିହାରେ । ଯେତେବେଳେ ନାଟକ ପୁଣି ନୂଆ ଏକ ରାହା ଖୋଜି ବୁଲୁଥିଲା ଓ ପୁନଃପାରମ୍ପରିକଧାରାକୁ ଫେରି ନାଟକ ରଚନା କରିବାରେ ଆଗ୍ରହୀ ହୋଇଉଠୁଥିଲା । ସେହି ସନ୍ଧିକ୍ଷଣରେ ଶ୍ରୀ ଦାସଙ୍କର ଏହି 'ବିତର୍କିତ ଅପରାହ୍ନ' ନାଟକଟି ରଚିତ । ନାଟ୍ୟକାର ଶ୍ରୀ ଦାସ ନାଟକ ରଚନାରୁ ପ୍ରାଥମିକ ପର୍ଯ୍ୟାୟରେ ପେଶାଦାରୀ ମଂଚ ନିମିତ୍ତ ନାଟକ ଲେଖିଥିଲେ, ସେଗୁଡ଼ିକ ହେଲା- ରାତ୍ରି (୧୯୪୨), ଯୌବନ (୧୯୪୫), କବିସମ୍ରାଟ ଉପେନ୍ଦ୍ରଭଞ୍ଜ (୧୯୪୭), ଅଗଷ୍ଟନ (୧୯୪୭), ବଳ୍ପି ଜଗବନ୍ଧୁ (୧୯୪୯), ମାତ୍ର ଏହାପରଠାରୁ ସେ ପେଶାଦାରୀ ମଂଚ ନିମିତ୍ତ ନାଟକ ଲେଖା ବନ୍ଦକରି ନୂତନ ଏକ ଧାରାର ନାଟକ ଲେଖିବା ଆରମ୍ଭ କଲେ । ଯାହାକୁ କୁହାଗଲା ବୌଦ୍ଧିକତା ତଥା ପରୀକ୍ଷାଧର୍ମୀତା । ଏଗୁଡିକ ହେଲା - ଆଗାମୀ (୧୯୫୦), ଅବରୋଧ (୧୯୫୩), ସାଗରମନ୍ଥନ (୧୯୬୪), ବନହଂସୀ (୧୯୬୮), ଅରଣ୍ୟ ଫସଲ (୧୯୬୯), ଅମୃତସ୍ୟ ପୁତ୍ରଃ (୧୯୭୧), କାଠଘୋଡ଼ା (୧୯୭୩), ଉର୍ମି (୧୯୭୩), ଶବ୍ଦଲିପି (୧୯୭୫), କ୍ଳାନ୍ତ ପ୍ରଜାପତି (୧୯୭୯) ଓ ବିତର୍କିତ ଅପରାହ୍ନ (୧୯୭୯) । ଏହାପରେ ନାଟ୍ୟକାର ପାରମ୍ପରିକତା ଗଣ୍ଡି ମଧ୍ୟରେ ଆବଦ୍ଧ ଥିବା ବିଭିନ୍ନ ଲୋକଶୈଳୀକୁ ଗ୍ରହଣ କରି ନାଟକ ରଚନା କରିଛନ୍ତି । ତାହା ହେଉଛି ନନ୍ଦିକା କେଶରୀ ନାଟକ, ଯାହା ୧୯୮୫ ମସିହାରେ ରଚିତ । ଏହା ହିଁ ତାଙ୍କର ଶେଷ ନାଟକ । ଏଥିସହିତ ସେ ମଧ୍ୟ ଅନେକ ଛୋଟନାଟକ ରଚନା କରିଛନ୍ତି ।

## ॥ ଦୁଇ ॥

'ବିତର୍କିତ ଅପରାହ୍ନ' ନାଟକଟି ନାଟ୍ୟକାରଙ୍କର ନୂତନ ଅଭାସର ଏକ ଝଲକ । ଏଥିରେ ପିଢିଗତବ୍ୟବଧାନର ର ଝଲକ ସହିତ ନଷ୍ଟ ମୂଲ୍ୟବୋଧର ଚିତ୍ରକୁ ଉପସ୍ଥାପିତ କରାଯାଇଛି । ଏହି ନାଟକର ଆଲୋଚନା କାଳରେ ଏହାର ସାରସତ୍ୱ ସମ୍ପର୍କରେ ଅବଗତ ହେବା ଆବଶ୍ୟକ । ଏହା ଏକ ସତ୍ୟ ରହିତ ଘଟଣା ଉପରେ ପର୍ଯ୍ୟବେଶିତ । କିନ୍ତୁ ଏହାର ଚରିତ୍ର ଗୁଡ଼ିକ କଳ୍ପିତ ମାତ୍ର । ପୁରୁଷାନୁକ୍ରମିକ ଧାରାର ଯେଉଁ ବ୍ୟବଧାନ ରହିଛି, ତାହାକୁ ନେଇ ନାଟକ ପ୍ରସ୍ତୁତ କରାଯାଇଛି । ତେଣୁ ଏହି ସମ୍ପର୍କରେ ନାଟ୍ୟକାର କହନ୍ତି- "ବହୁବର୍ଷ ତଳେ ମୁଁ ଯେତେବେଳେ କୁଜଙ୍ଗରେ ରହୁଥିଲି.. ୧୯୫୦ ମସିହା ପାଖାପାଖି ବର୍ଷଗୁଡ଼ିକ ହେବ, ସେତେବେଳେ ସେ ଅଂଚଳରେ କିଛିଟା ଚାଂଚଲ୍ୟ ସୃଷ୍ଟିକରି ଏକ ସମ୍ବାଦ ପରିବେଶିତ ହେଲା ଯେ, ଏକ ପ୍ରାଚୀନ ସମ୍ଭ୍ରାନ୍ତ ପରିବାରରେ ପୂଜା ପାଉଥିବା ସ୍ୱର୍ଣ୍ଣ ପ୍ରତିମା କନକ ଦୁର୍ଗା ମୂର୍ତ୍ତି ଚୋରି ହୋଇଯାଇଛି । ଯେଉଁ ଦୁର୍ଗା ମୁର୍ତ୍ତି ଚୋରି ହୋଇଗଲା ତାହା ପୁରୁଷାନୁକ୍ରମେ ପୂଜା ପାଇ ଆସୁଥିବାରୁ ଏବଂ ସେଇ ସମ୍ଭ୍ରାନ୍ତ ପରିବାରରର ଏକ ଉଚ୍ଚ ବିଶ୍ୱାସ ଥିବାରୁ ଅନେକ ଏ ଚୋରି ଘଟଣାରେ ବିଚଳିତ ଓ ଆତଙ୍କିତ ହୋଇପଡ଼ିଲେ । କନକ ଦୁର୍ଗାଙ୍କ ମୁର୍ତ୍ତିଟିକୁ ଉଦ୍ଧାର କରିବା ଲାଗି ସ୍ଥାନୀୟ ପୋଲିସ ଖୁବ ଖୋଜାଖୋଜି କଥା ସେତେବେଳେ ଶୁଣାଯାଉଥିଲା ........ ସେଦିନ ଲୋକମୁଖରେ ପ୍ରଚାରିତ ସତ୍ୟାସତ୍ୟ ଅନୁସନ୍ଧାନ ମୁଁ କେବେ କରିନାହିଁ । ଆବଶ୍ୟକତା ମଧ୍ୟ ମୋ ପାଇଁ କିଛି ନଥିଲା । କିନ୍ତୁ ସେ ସମୟର ସେ ଘଟଣାଟି ମୋ ଅବଚେତନ ମନରେ ବିଭିନ୍ନ ଜେନେରେସନ ଭିତରେ ମୂଲ୍ୟବୋଧର ମାପଚୁପ ପାଇଁ ନିର୍ଦ୍ଦିଷ୍ଟ ଭାବେ ଏକ ଛାପ ଆଙ୍କି ଦେଇଥିଲ । ତେଣୁ ବୋଧହୁଏ ଜେନେରେସନ ଗ୍ୟାପ ପଛଭୂମିରେ ମୁଲ୍ୟବୋଧର ସଂଘର୍ଷ ଉପରେ ଆଧାରିତ ବିତର୍କିତ ଅପରାହ୍ନ ଲେଖିବାକୁ ଗଲାବେଳେ ମୋ ଅବଚେତନ ମନରେ ସାଇତା ହୋଇ ରହିଥିବା ସେଇ ଅତୀତ ଘଟଣାଟି ନାଟକରେ ନିର୍ଦ୍ଦିଷ୍ଟ ରୂପ ନେଲା ।" (୩) ଏହି ନାଟକର ବିଷୟସୂଚୀ ସମାଜରୁ ହିଁ ଗୃହୀତ । ପୁଣି ଏହାର ସାମାଜିକ ବିଶ୍ଲେଷଣ ସମାଜ ବାସ୍ତବତାର ସ୍ୱରୂପକୁ ଇଙ୍ଗିତ କରେ । ବିଶେଷକରି ତିରିଶ ବର୍ଷ ପୂର୍ବରୁ ଯେଉଁ କଥା ତାଙ୍କ ମନରେ ଅଲୋଡନ ସୃଷ୍ଟି କରିଥିଲା, ତାହା ନାଟକୀୟ ରୂପଲାଭ କଲା ୧୯୭୯ ମସିହାରେ । କୁଜଙ୍ଗର କନକଦୁର୍ଗା ମୂର୍ତ୍ତି ଘଟଣାକୁ ମାନସପଟ୍ଟରେ ରଖି ତାରି ଛାଂଚରେ ନିଜର ସ୍ୱଚେତନାର ପ୍ରଲେପ ଦେଇ ସୃଷ୍ଟିକଲେ ଏକ ନିଆରା ଭାବବସ୍ତୁ ।

ବିତର୍କିତ ଅପରାହ୍ନ ନାଟକର କଥାବସ୍ତୁର ଅବଧି ଚବିଶ ଘଂଟାର । ପ୍ରଥମ ଦିନର ଅପରାହ୍ନରୁ ଅର୍ଥାତ ଦିନ ଦୁଇଟାରୁ ଆରମ୍ଭ ହୋଇ ପରଦିନ ଅପରାହ୍ନ ଯାଏ । ନାଟ୍ୟକାହାଣୀର ଆରମ୍ଭ ହୁଏ ନୀଳରତନଙ୍କ ଶୋଇବାଘରୁ । ନୀଳରତନ ବୃଦ୍ଧ । ବୟସର ଉତ୍ତର ପ୍ରହରରେ ସେ ଦଣ୍ଡାୟମାନ । ଚାକିରୀ ଜୀବନରୁ ଅବସର ପରେ ନିଜ ଗାଁରେ ରହନ୍ତି । ନିଜର ପେନସନ ଟଙ୍କାରେ ମାଧବଙ୍କର ଏକ ସ୍ୱର୍ଣ୍ଣମୂର୍ତ୍ତି କରି ନିଜସ୍ୱ ମନ୍ଦିରରେ ପ୍ରତିଷ୍ଠା କରିବା ନିମିତ୍ତ ସେ ଆଗ୍ରହୀ । ତେଣୁ ମନ୍ଦିର ନିର୍ମାଣ ନିମନ୍ତେ ସେ ଗାଁରୁ ସହରକୁ ଆସନ୍ତି, ପୁଅ ସୁକୁମାର ପାଖକୁ । ଏହିଠାରେ ଆରମ୍ଭ ହୁଏ ନାଟକର ମୁଖ୍ୟ ପର୍ଯ୍ୟାୟ । ସୁକୁମାର ଜଣେ ଉଚ୍ଚଶିକ୍ଷିତ । ସେ ଗାଁ ଛାଡ଼ି ସହରରେ ଚାକିରୀ କରନ୍ତି । ସ୍ତ୍ରୀ ଶାଶ୍ୱତୀ ଓ ପୁଅ ବୁଲୁବୁଲୁଙ୍କ ସଙ୍ଗରେ ନିଜେ ଏକ ଘରକରି ରହନ୍ତି । ବାପାଙ୍କ ଅଭିଳାଷ ଜାଣିପାରି ସ୍ୱଳ୍ପ ବେତନଭୋଗୀ ସୁକୁମାର ଟଙ୍କା ଯୋଗାଡ଼ ପାଇଁ ଲାଗିପଡ଼ନ୍ତି । ମାତ୍ର ସେଥିରେ ସେ ସମର୍ଥ ହୁଅନ୍ତି ନାହିଁ । ତେଣୁ ସୁକୁମାର ବିଚଳିତ ହୋଇ ଉଠନ୍ତି । ଅଫିସରେ ଏକ କର୍ମଚାରୀଙ୍କ ପ୍ରରୋଚନାରେ ପଡ଼ି ବାପାଙ୍କ ନୀତି ଆଦର୍ଶକୁ ବଳିଦେଇ ଦିଅନ୍ତି । ଅନ୍ୟାୟ ଉପାୟରେ ଟଙ୍କା ରୋଜଗାର କରନ୍ତି । ତଥାପି ତିନିହଜାର ଟଙ୍କା ଅଭାବ ହୁଏ । ସ୍ତ୍ରୀ ଶାଶ୍ୱତୀ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି । ସେ ଚାକିରି କରନ୍ତି । କିନ୍ତୁ ଚାକିରୀର ଦରମା

ଠାରୁ ସେ ଅଧିକ ଦରମା ଆଣନ୍ତି । ଶ୍ୱଶୁରଙ୍କ ଉଦ୍ଦେଶ୍ୟରେ ଟଙ୍କା ଯୋଗାଡ଼ କରିବା ପାଇଁ ପୁରୁଣା ପ୍ରେମିକ ଆଦିତ୍ୟଙ୍କ ପାଖରୁ ଟଙ୍କା ଆଣନ୍ତି । କିନ୍ତୁ ଏଇଠି ନାଟକର ଶେଷ ପର୍ଯ୍ୟାୟରେ ସବୁକିଛି ବଦଳିଯାଏ । ଯେଉଁ କାରଣ ଯୋଗୁଁ ସୁକୁମାରଙ୍କ ପରିବାରରେ ଘୋଡ଼ାଦୌଡ଼ର ପରିସ୍ଥିତି ଉପୁଜେ, ସେତେବେଳେ ମାଧବଙ୍କ ସ୍ୱର୍ଣ୍ଣମୂର୍ତ୍ତି ଚୋରି ନାଟକୀୟ ଉତ୍କଣ୍ଠା ସୃଷ୍ଟିକରେ । ନୀଳରତନ ଯେଉଁ ମାଧବ ମୂର୍ତ୍ତିକୁ ମନ୍ଦିରରେ ପ୍ରତିଷ୍ଠା କରିବାକୁ ଗାଁ ଛାଡ଼ି ସହରକୁ ଆସିଥିଲେ, ସେହି ମାଧବ ମୂର୍ତ୍ତିକୁ ନାତି ବୁଲ୍‌ବୁଲ୍ ଚୋରିକରି ଅନ୍ୟତ୍ର ବିକ୍ରି କରିଦିଏ । ନିଜର ସାଥୀ ଲିନା ସହିତ ବୁଲ୍‌ବୁଲ୍ ଘରୁ ବାହାରିଯାଏ ଏକ ଦିଗନ୍ତ ସୁଖର ସନ୍ଧାନରେ । ବୃଦ୍ଧ ନୀଳରତନ ଆଶାଶୂନ୍ୟ ହୋଇ କେବଳ ବିଳାପ କରନ୍ତି । ସୁକୁମାର ଓ ଶାଶ୍ୱତୀ କିଂକର୍ତ୍ତବ୍ୟମୂଢ଼ ହୋଇ ଘରଟାରେ ଗୁମ୍‌କରି ବସିରହନ୍ତି । ଅନ୍ତରାଳରେ ଘନ କୁହୁଡ଼ିର ଆସ୍ତରଣ ଭଳି ଅନେକ ସଂସ୍କୃତ ଶ୍ଳୋକର ଆବୃତ୍ତି ହୁଏ, ଏବଂ ନାଟକର ଯବନିକା ପଡ଼େ ।

## ॥ ତିନି ॥

'ବିତର୍କିତ ଅପରାହ୍ଣ' ନାଟକଟି ଏକ ସାମାଜିକ ସମସ୍ୟାଧର୍ମୀ ନାଟକ । ଏଥିରେ ସମୟଗତ ବ୍ୟବଧାନକୁ ଗୁରୁତ୍ୱ ଦିଆଯାଇଛି । ପାରମ୍ପରିକ ମୂଲ୍ୟବୋଧର ଭଙ୍ଗା ଏହାର ମୁଖ୍ୟ ଆବେଦନ । ଏହାର ଭାବଭୂମି ଓ ଚରିତ୍ର ପ୍ରାଚ୍ୟର ଆଦର୍ଶରେ ଦଣ୍ଡାୟମାନ । କିନ୍ତୁ ଏଥିରେ ପ୍ରୟୋଗ ହେଉଥିବା ଚିନ୍ତାଧାରାଟି ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଶୈଳୀରେ ବିଶ୍ଳେଷିତ । ମୋଟ ଆଠଟି ଚରିତ୍ରକୁ ନେଇ ନାଟକ ଗତିଶୀଳ ହୋଇଥିଲେ ମଧ୍ୟ ଏଥିରେ ଚାରୋଟି ଚରିତ୍ରକୁ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଛି । ସେମାନେ ହେଲେ ବୃଦ୍ଧ ନୀଳରତନ, ସୁକୁମାର, ଶାଶ୍ୱତୀ, ବୁଲ୍‌ବୁଲ୍ ଏବଂ ଅନ୍ୟ ଚରିତ୍ର ଗୁଡ଼ିକ ହେଲେ ବୃଦ୍ଧ ନୀଳରତନଙ୍କ ବନ୍ଧୁ ଚନ୍ଦ୍ରମୋହନ, ବୁଲ୍‌ବୁଲ୍‌ର ସାଥୀ ଲୀନା, ଘରର ଚାକର ବନା ଓ ସୁକୁମାର ଅଫିସ୍‌ର ତଳିଆ କର୍ମଚାରୀ ଷ୍ଟେନୋଗ୍ରାଫର । ସମଗ୍ର ନାଟକରେ ବିତର୍କିତ ହେଉଥିବା ଚରିତ୍ର ଗୁଡ଼ିକ ପ୍ରାୟତଃ ନିଜସ୍ୱ ଭାବନା ଯୋଗୁଁ । କେବଳ ଯେ ଏଥିରେ ନାଟ୍ୟକାର ସୁକୁମାର ଓ ଶାଶ୍ୱତୀଙ୍କର ଅବିଚଳିତ ମନକୁ ନେଇ ପରୀକ୍ଷା କରିଛନ୍ତି, ତାହା ନୁହେଁ । ବରଂ ଏଥିରେ ସମାଜର ବସବାସ କରୁଥିବା ତିନୋଟି ପିଢ଼ିର ବ୍ୟକ୍ତିତ୍ୱକୁ ସେ ପରୀକ୍ଷା କରିଛନ୍ତି । ସେଇ ତିନିପିଢ଼ିର ପ୍ରତିନିଧି ହେଉଛନ୍ତି ବୃଦ୍ଧ ନୀଳରତନ, ସୁକୁମାର ଓ ଶାଶ୍ୱତୀ, ଏବଂ ବୁଲ୍‌ବୁଲ୍ ।

ବୃଦ୍ଧ ନୀଳରତନର ଚରିତ୍ରଟିକୁ ନାଟ୍ୟକାର ଜୀବନର ସାୟାହ୍ନ କାଳର ପରିଧି ଭିତରେ ଦଣ୍ଡାୟମାନ କରିଛନ୍ତି । ଯାହାର ଅବଶପଣ ନାଟକର ଆରମ୍ଭରୁ ଦେଖାଯାଏ । ସେ ସରଳ, ଈଶ୍ୱର ବିଶ୍ୱାସୀ । ନୀତିନିୟମ, ପରମ୍ପରା, ଆଭିଜାତ୍ୟ ଓ ନୈତିକତାର ପଥରେ ସେ ସ୍ଥିର । କୌଣସି ଛଳନା କିମ୍ବା ପ୍ରତାରଣାର ଚିହ୍ନ ତାଙ୍କଠାରେ ପରିଲକ୍ଷିତ ହୁଏନାହିଁ । ସଦା କର୍ତ୍ତବ୍ୟ ପଥରେ ସେ ଚାଲି ଜୀବନକୁ ଏକ ରୁଟିନରେ ପରିଣତ କରିଛନ୍ତି । ପରିଶେଷରେ ଅଫିସ କାର୍ଯ୍ୟରୁ ମୁକ୍ତ ହୋଇ ଏକାନ୍ତ ଭାବରେ ଭଗବତପ୍ରେମୀ ହୋଇପଡ଼ନ୍ତି । ମାଧବଙ୍କ ଧ୍ୟାନରେ ତାଙ୍କର ଦିନ ଆରମ୍ଭ ଓ ଶେଷ ହୁଏ । ତେଣୁ ଏହି ଶ୍ରେଣୀୟ ପିଢି ପାଖରେ ନାଟ୍ୟକାର ପାରମ୍ପରିକ ମୂଲ୍ୟବୋଧର ଏକ ମହାନ ବୈଶିଷ୍ଟ୍ୟ ଦେଖାଇଛନ୍ତି । ତାଙ୍କର ସମଗ୍ର ଜୀବନର ପରିଧି ଆଦର୍ଶରେ ପରିପୂର୍ଣ୍ଣ । ଏହିପରି ଏକ ଚରିତ୍ରକୁ ନାଟ୍ୟକାର ନାଟକର ପ୍ରାରମ୍ଭରୁ ଅସହାୟ କରିଦେଇଛନ୍ତି । ନାତି ବୁଲବୁଲ୍ ପାଖରେ ସେ ଜଣେ କୌତୁକର ସାମଗ୍ରୀ । ଫାମ୍ପା ଚୁଡ଼ା । ଯାହାର କିଛି ଟାଣତ୍ୱ ନାହିଁ । ସେହିପରି ମଧ୍ୟମ ପିଢ଼ିରେ ଅଛନ୍ତି ସୁକୁମାର ଓ ଶାଶ୍ୱତୀ । ସୁକୁମାର ଗାଁ ଛାଡ଼ି ସହରରେ ରହନ୍ତି । ସହରର ଗୋଟିଏ ଅଫିସରେ ସେ କାର୍ଯ୍ୟରତ । ତାଙ୍କରି ପାଖରେ ନୈତିକତାର ଚିହ୍ନ ଅସ୍ପଷ୍ଟ, କିନ୍ତୁ ସେ ନାସ୍ତିକ ନୁହଁନ୍ତି । ପରିବେଶ ପରିସ୍ଥିତି ଏକାବେଳକେ ତାଙ୍କୁ ଏହି ପଥରୁ ବିଚ୍ୟୁତ କରିଥିବା ଲକ୍ଷ୍ୟ କରିହୁଏ । ଯାନ୍ତ୍ରିକ ଯୁଗରେ ସେ ଯେପରି ଯନ୍ତ୍ରଚାଳିତ ମାନବ ପାଲଟି ଯାଇଛନ୍ତି । ଘରୁ ଅଫିସ ଓ ଅଫିସରୁ ଘର ତାଙ୍କର କେବଳ ଘୋଡ଼ାଦୌଡ଼ । ଭଲରେ ଗଣ୍ଡେ ଖାଇବା ଭଲରେ ରହିବା ତାଙ୍କର ଏକାନ୍ତ କାମ୍ୟ । ତେଣୁ ଘରର କଥା ବୁଝିବା ତାଙ୍କ ପକ୍ଷେ ସମ୍ଭବ ହୋଇନି । ତେଣୁ ସ୍ତ୍ରୀ ଶାଶ୍ୱତୀ ଓ ପୁଅ ବୁଲ୍‌ବୁଲ୍ ପାଖରେ ସେ ଅଲୋଡ଼ା ଓ ଅଖୋଜା । ଏହାରି ଭିତରେ ସେ ଅତ୍ୟନ୍ତ ଅବିଚଳିତ ହୋଇପଡ଼ନ୍ତି ଓ ବାପାଙ୍କ ପାଇଁ ଯେଉଁ ଅର୍ଥର ଆବଶ୍ୟକ ହୁଏ ତାରି ମଧ୍ୟରେ ଆତ୍ମଦ୍ୱନ୍ଦ୍ୱ ଆହୁରି ତୀବ୍ର ହୁଏ । ତେଣୁ ନାଟ୍ୟକାର ଏହି ଚରିତ୍ରଟି ମଧ୍ୟରେ ସମଗ୍ର ମଧ୍ୟମ ପିଢିମାନଙ୍କର ଦୁଃଖ, ଯନ୍ତ୍ରଣା ଓ ଅବଶୋଷର ଚିତ୍ରକୁ ଦେଖାଇଛନ୍ତି ।

ନାଟ୍ୟକାର ଶାଶ୍ୱତୀ ଚରିତ୍ର ମାଧ୍ୟମରେ ନାରୀ ମନ ଭିତରେ ଥିବା ଭିନ୍ନତାକୁ ଦେଖାଇଛନ୍ତି । ଏହି ଚରିତ୍ରଟିକୁ ମଧ୍ୟମ ପିଢିରେ ଅବତୀର୍ଣ୍ଣ । ନାଟ୍ୟକାର ତାଙ୍କର ସମଗ୍ର ନାଟକ ଗୁଡ଼ିକରେ ନାରୀମାନଙ୍କୁ ଏକ ଭିନ୍ନ ଭାବରେ ଦେଖାଯାଇଛି, ଯାହା ତାଙ୍କର ନାଟକ ଗୁଡ଼ିକରୁ ଦେଖିବାକୁ ମିଳେ । ନାରୀ ମନରେ ଥିବା କ୍ଷୁଧାକୁ ସେ ଅତିସୁନ୍ଦର ଭାବରେ ବିଶ୍ଳେଷଣ କରିଛନ୍ତି । ତେଣୁ ତାଙ୍କ ମତରେ ନାରୀ ଏକ କାମିନୀ, ତାର ଅଦମ୍ୟ ଅଭିଳାଷ ଥାଏ । ଯାହାକୁ କେହିବି ଶାନ୍ତ କରିପାରନ୍ତି ନାହିଁ । ତେଣୁ ନାଟ୍ୟକାର ନାରୀକୁ ସ୍ତ୍ରୀ-ଜାୟା-ଜନନୀର ଫର୍ମୁଲା ଭିତରେ ବାହାର କରି ନାରୀକୁ ଆଉ ଏକ ଫର୍ମ ଭିତରେ ରଖିଛନ୍ତି, ତାହା ହେଲା ଛଳନା । ଏହି ଛଳନାକୁ ଅସ୍ତ୍ରକରି ନାରୀଟିଏ ପୁରୁଷର ସମସ୍ତତାକୁ ନିଜର ଅଧିନ କରିନିଏ । ଏହିପରି ଏକ ସୂକ୍ଷ୍ମ ଚିନ୍ତାଧାରା ଶାଶ୍ୱତୀ ଚରିତ୍ର ଭିତରେ ନାଟ୍ୟକାର ଦେଖାଇଛନ୍ତି । ଶାଶ୍ୱତୀ ସୁକୁମାରଙ୍କର ଧର୍ମପତ୍ନୀ ହେଲେ ମଧ୍ୟସେ ଆଦିତ୍ୟଙ୍କର ପୁରୁଣା ପ୍ରେମିକା ମଧ୍ୟ । ସେ ସୁକୁମାରଙ୍କୁ ବୈବାହିକ ସୁଖଦେବା ସହିତ ଆଦିତ୍ୟଙ୍କର ପ୍ରେମକୁ ପାଇବାକୁ ବ୍ୟଗ୍ର । ତେଣୁ ସେ ଅଫିସର ବାହାନା କରି

ଆଦିତ୍ୟଙ୍କ ସହିତ ମିଶିବାକୁ ଚାହାଁନ୍ତି । ସେ ଏକ ଉଗ୍ର ସ୍ୱଭାବି ଓ ସ୍ୱାଧୀନା ହେଲେ ମଧ୍ୟ ତାଙ୍କ ପାଖରେ ବୋହୂର ଢଙ୍ଗ ବି ରହିଛି । ଶ୍ୱଶୂର ନୀଳରତନଙ୍କ ମନ୍ଦିର ନିର୍ମାଣ ପାଇଁ ଟଙ୍କା ଯୋଗାଡ଼ କରିବା ପାଇଁ ଅଗେଇ ଆସନ୍ତି । ଅଫିସରୁ ଟଙ୍କା ଆଣିବା କହି ପ୍ରେମିକ ଆଦିତ୍ୟଙ୍କ ପାଖରୁ ଟଙ୍କା ଆଣି ସ୍ୱାମୀଙ୍କୁ ଦିଅନ୍ତି । ଏଥିରେ ନାଟକୀୟ ଦ୍ୱନ୍ଦ ଆହୁରି ତୀବ୍ର ହୋଇଉଠେ । ସୁକୁମାର ଶାଶ୍ୱତୀକୁ ସନ୍ଦେହ କରନ୍ତି । ଉଭୟ ଆତ୍ମଦ୍ୱନ୍ଦ ଘେରା ଭିତରେ ବିତର୍କିତ ହୋଇଉଠନ୍ତି । ଶାଶ୍ୱତୀ ନିଜର ଛାପକୁ ଲୁଚାଇବାକୁ ଯାଇ ବନ୍ଧୁଙ୍କ ଠାରୁ ଟଙ୍କା ଆଣିବା କଥା କହନ୍ତି । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅନ୍ତଦ୍ୱନ୍ଦ ନାଟକୀୟ ଉତ୍କଣ୍ଠାକୁ ଆହୁରି ବଳିଷ୍ଠ କରେ ।

ସେହିପରି ବୁଲୁବୁଲ ଚରିତ୍ରଟିକୁ ନାଟକର ପ୍ରାରମ୍ଭିକ ପିଢିରେ ରଖିଛନ୍ତି । ନାଟ୍ୟକାର ବୁଲ୍‌ବୁଲ୍‌କୁ ଆଧୁନିକତାର ସ୍ୱାଦ ଚଖାଇଛନ୍ତି । ତାକୁ ଏଷ୍ଟ୍ରାମର୍ଡ଼ନ କରିଦେଇଛନ୍ତି । ତାହାର ଆଚାର ବ୍ୟବହାର ସମ୍ପୂର୍ଣ୍ଣ ଅଲଗା । ସେ ଇଶ୍ୱର ବିଶ୍ୱାସୀ ନୁହେଁ କି ପ୍ରଚଳିତ ପ୍ରଥା ପରମ୍ପରାର ଛାପ ତା'ଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ସେ ନୂତନତ୍ୱର ସନ୍ଧାନୀ । ଜୀବନକୁ ନୂଆକରି ଦେଖିବା ଓ ତାରି ଭିତରେ ଆନନ୍ଦ ପାଇବା ପାଇଁ ସେ ବ୍ୟଗ୍ର । ତେଣୁ ଶ୍ମଶାନକୁ ହିଁ ସୁଖର ଅନ୍ୟ ଏକ ପ୍ରମୁଖ ସ୍ଥାନ ବାଛିନେଇଛି । ଜୀବନର ଅନ୍ତିମ ସ୍ଥାନ ହେଉଛି ଶ୍ମଶାନ । ଯେଉଁଠି ମଣିଷ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇ ଚୀରଶାନ୍ତି ନିଦ୍ରାରେ ଶୋଇପଡ଼େ । ନାଟ୍ୟକାର ତେଣୁ ଆଧୁନିକତାର ସ୍ୱାଦ ଭିତରେ ସାମ୍ପ୍ରତିକ ମଣିଷ କିପରି ନିଜକୁ ବିଚଳିତ କରିଦେଇଛି, ଏହି ବିଚଳିତ ଜୀବନ ଭିତରେ ସେ ଶ୍ମଶାନକୁ ହିଁ ସୁଖର ସାଧନାସ୍ଥଳ ଭାବେ ବାଛିନେଇଛି । ଯାହାର ପ୍ରତୀକ ବୁଲ୍‌ବୁଲ୍ ଚରିତ୍ର ମାଧ୍ୟମରେ ଦେଖାଇଛନ୍ତି । ନାଟ୍ୟକାର ଶ୍ରୀ ଦାସ ସୁକୁମାର ଓ ଶାଶ୍ୱତୀଙ୍କୁ ବୁଲବୁଲ ପାଖରେ ହିପୋକ୍ରାସୀ କରାଇ ଦେଇଛନ୍ତି । ପ୍ରଚଳୀତ ସମାଜରେ ଯେଉଁଭଳି ଭାବରେ ଶୃଙ୍ଖଳିତ ହୋଇ ଲଭ, ରୋମାନ୍ସ, ସେକ୍ସ ଭିତରେ ଜୀବନକୁ ଜୀଇବାରେ ବ୍ୟସ୍ତ, ତାହାର ବିବରଣୀ ବୁଲବୁଲ ଚରିତ୍ରଟିରେ ତାହାକୁ ଦେଖାଇଛନ୍ତି । ତେଣୁ ବୁଲବୁଲ ନିଜର ବାପାମାଆଙ୍କ ପ୍ରତି ବ୍ୟବହାର ମଧ୍ୟ ଏକ ଅବାଧ ସନ୍ତାନର କାର୍ଯ୍ୟପରି ହୋଇଯାଇଛି । ଏହାର କାରଣ ନିଜେ ତାର ବାପାମାଆ । ମାଆଙ୍କର ସ୍ୱେଚ୍ଛାଚାରୀ ଜୀବନକୁ ଅତି ପାଖରୁ ସେ ଦେଖେ ତେଣୁ ସେ ସେପରି ହେବା ସ୍ୱଭାବିକ୍ । ନିଜ ନିଜ କାର୍ଯ୍ୟରେ ବ୍ୟସ୍ତରହି ପିଲାମାନଙ୍କୁ ଅବହେଳା କରିବାର ଫଳ ପରବର୍ତ୍ତୀ ସମୟରେ ଯେଉଁ ବିକଟ ସମସ୍ୟା ସୃଷ୍ଟି କରେ, ତାହାର ଚିତ୍ର ବୁଲ୍‌ବୁଲ୍ ଚରିତ୍ରରେ ଦେଖିବାକୁ ମିଳେ । ଘର ଅପେକ୍ଷା ବାହାରର ପାଣି ପବନ ତାକୁ ବେଶ୍ ଭଲ ଲାଗେ । ତେଣୁ ସେ ନିଜର ସାଥୀ ଲୀନା ସହିତ ମିଳାମିଶାରେ ଖୁସି ଅନୁଭବ କରେ । ପରିଣାମରେ ମାଧବଙ୍କ ମୂର୍ତ୍ତି ଚୋରି ତା ପାଇଁ କୌଣସି ଦୋଷ ନୁହେଁ କି ଚୋରି କରି ସେ ପ୍ରକୃତିସ୍ଥ ବି ନୁହେଁ । ତେଣୁ ସେ ଦୃଢ ସ୍ୱରରେ କହେ – "ସେମାନଙ୍କୁ କାହିଁକି ପଚାରୁଛ ଜେଜେ ? ନେଇଥିଲେ କ'ଣ ସେମାନେ କହନ୍ତେ ? ଯେତେ ଯାହା ଯେଉଠୁ ନେଉଛନ୍ତି... ଯେତେଯାହା ଯେଉଠୁ କରୁଛନ୍ତି କହିପାରିବେ ସେମାନେ ? ସେ ସାହାସ ଅଛି ? ଫମ୍ପା ଢୋଲ ... କେତେବେଳେ ସେ ପାଖ... ହିପୋକ୍ରାସୀ.. ।" ପୁଣି ଚୋରି କରି ନିଜ ମୁହଁରେ ମାନିବା ବେଳେ ଟିକେ ବି ସଂକୋଚ ଲାଗିନି ଅତି ଦର୍ପର ସହ କହେ – "ଆଃ.. ଏତେ ଜୋରରେ କାହିଁକି ଚିତ୍କାର କରୁଛ ଯେ ? ହଁ ମୁଁ ନେଇଯାଇଛି... ମୋର ଟଙ୍କା ଦରକାର... ଲୀନା ସଙ୍ଗରେ ବୁଲିବି... ଫୁର୍ତ୍ତି କରିବି...ଆଃ.. କି ସୁନ୍ଦର ହେବ... ଲୀନା ଆଉ ମୁଁ .. ମୁଁ ଆଉ ଲୀନା ... ।"

ନାଟ୍ୟକାରଙ୍କର ସମଗ୍ର ନାଟକଟିକୁ ଦେଖିଲେ ଏଠାରେ Generation Gap ସହିତ The end of morality ବା ନୈତିକତାର ଅନ୍ତ ଘଟିଥିବାର ଦେଖାଯାଏ । ବୁଲବୁଲ ହିଁ ଏହି ନଷ୍ଟ ମୂଲ୍ୟବୋଧର ପ୍ରତୀକ । ନାଟ୍ୟକାର ଶ୍ରୀ ଦାସ ନାଟକରେ ସୁକୁମାର ଓ ଶାଶ୍ୱତୀ ପାଇଁ ଯେତିକି ତତ୍ପର ନ ହୋଇଛନ୍ତି, ସେତିକି ବୁଲ୍‌ବୁଲ୍ ଚରିତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି । ସୁକୁମାର ଓ ଶାଶ୍ୱତୀ ଜୀବନରେ ଚାକଚକ୍ୟ ଓ ଆତ୍ମମନନ ପାଇଁ ବିତର୍କିତ । ଗୋଟିଏ ପଟେ ସୁକୁମାର ନୈତିକତାକୁ ହରାଇବାର ଭୟ ଭିତରେ କାତର ହେଉଥିବା ବେଳେ ସ୍ତ୍ରୀ ଶାଶ୍ୱତୀ ଛଳନା ଓ ପରପୁରୁଷ ଚିନ୍ତାରେ ମଗ୍ନ । ପୁଣି ଏସବୁର ଅନୁଶୋଚନା ଭିତରେ ଅତର୍କିତ । କିନ୍ତୁ ବୁଲବୁଲ ନାଟକରେ କେନ୍ଦ୍ରିୟ ଚରିତ୍ର ଭାବରେ ଦଣ୍ଡାୟମାନ । ଯଦିଓ ନାଟ୍ୟକାର ବୁଲବୁଲ ଚରିତ୍ରଟିକୁ ମଂଚରେ ଖୁବ୍ କମ୍ ଦେଖାଇଛନ୍ତି, କିନ୍ତୁ ତାର ଅବସ୍ଥିତି ସମ୍ପୂର୍ଣ୍ଣ ନାଟକର ବଳୟ ମଧ୍ୟରେ ରହିଛି । ସୁକୁମାରକୁ ନାଟ୍ୟକାର ଜୀବନର ଅପରାହ୍ନରେ ବିତର୍କିତ ହେଉଥିବାର ଦେଖାଇଛନ୍ତି, ଏକଥାଟି ସତ; ହେଲେ ବୁଲ୍‌ବୁଲ୍‌ର ଅବାଧତାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏହିପରି ଭାବରେ ତିନିପିଢିର ଯୋଜନା ପ୍ରସ୍ତୁତ କରି ତିନୋଟି ପୁରୁଷର ଆତ୍ମପରିଚୟ ସହିତ ପରିବର୍ତ୍ତିତ ସମୟର ସ୍ରୋତରେ ମଣିଷର ଚିନ୍ତାଧାରା କିପରି ଜଣକ ଠାରୁ ଅନ୍ୟ ଜଣକର ଭିନ୍ନ, ତାହା ଏଥିରେ ଦେଖିବାକୁ ମିଳେ । ବୃଦ୍ଧ ନୀଳରତନ, ପୁଅ ସୁକୁମାରର ଅନିୟନ୍ତ୍ରିତତାକୁ ଦେଖି ବିଚଳିତ, ତଥାପି ସେ ନୀରବ ରହିଛନ୍ତି । କାରଣ ସେ ସବୁ ଜାଣନ୍ତି ଯେଉଁଠି କର୍ତ୍ତବ୍ୟର ଅବମାନନା ଘଟେ ସେଠି ମାନବିକ ମୂଲ୍ୟବୋଧ ଖୋଜିବା ବିଡ଼ମ୍ବନା ମାତ୍ର ।

ନାଟକରେ ଚରିତ୍ର ସଂଯୋଜନାରେ ଯଥେଷ୍ଟ ଗୁରୁତ୍ୱ ରହିଛି । ଏଥିସହିତ ନାଟକୀୟ ଛାୟାଶୈଳୀର ପ୍ରୟୋଗ ଓ ଫ୍ରିଜ ଟେକନିକ୍‌ର ପ୍ରୟୋଗ ଭିତରେ ନାଟକର ମଂଚାୟନକୁ ବି ଗୁରୁତ୍ୱ ଦେଇଛନ୍ତି । ଛାୟାଶୈଳୀରେ ସୁକୁମାର ଓ ଶାଶ୍ୱତୀର ଆତ୍ମମନ୍ଥନ ତଥା ଫ୍ଲାସବ୍ୟାକ୍‌କୁ ଯିବା ପ୍ରସଙ୍ଗ ଭିତରେ ନାଟକୀୟ ଦ୍ୱନ୍ଦ ସହିତ ଅନ୍ତଃମନର କୁଟିଳତା,

ନିରାଶ ମନୋଭାବ, ଛଳନା ଓ ବିଭତ୍ସର ବାସ୍ତବତାର ରୂପଚିତ୍ରକୁ ଦେଖାଇବାରେ ସଫଳ ହୋଇଛନ୍ତି । ସେହିପରି ଫ୍ରିଜ ଟେକନିକ୍ ପ୍ରୟୋଗ ମଧ୍ୟ ଏଥିରେ ଦେଖିବାକୁ ମିଳେ । ଏହି ସମୟସୀମା ମଧ୍ୟରେ ସଫଳ ନାଟ୍ୟକାର ବିଜୟ ମିଶ୍ର ପ୍ରଥମେ ଫ୍ରିଜ୍ ଟେକନିକ୍ ପ୍ରୟୋଗ କରିଥିଲେ ୧୯୬୮ ମସିହାରେ 'ଶବ ବାହକମାନେ' ନାଟକଠାରୁ । ସେଇ ଫ୍ରିଜର ଟେକନିକ୍‌କୁ ନାଟ୍ୟକାର ଶ୍ରୀ ଦାସ ଗ୍ରହଣ କରିଛନ୍ତ ଏହି ନାଟକରେ । ନାଟ୍ୟକାହାଣୀର ପରିକଳ୍ପନା ସହିତ ଏହାର ମଂଚାୟନ କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ସେ ମଂଚକୁ ଦୋମହଲା ଭାବରେ ଦେଖାଇ ତାକୁ ଚାରୋଟି ଜୋନରେ ବିଭକ୍ତ କରି ଚରିତ୍ରମାନଙ୍କୁ ଏହି ଜୋନରେ ଗତିଶୀଳ କରାଇଛନ୍ତି । ଜୋନ ୧ରେ କୌଣସି ଏକ ପୋଷ୍ଟଅଫିସ ସମ୍ମୁଖରେ ଘାସ ପଡ଼ିଆ ଭିତରେ ଝଙ୍କାଳିଆ ଏକ ଗଛ... ଡାଉନ ଷ୍ଟେଜରେ ଡାହାଣ ପାଖରେ ଏହାକୁ ରଖିଛନ୍ତି । ଜୋନ ୨ରେ ପ୍ରଥମ ଭାଗରେ ଦୋମହଲାରେ ସୁକୁମାରଙ୍କର ଅଫିସ ରୁମ୍, ଦ୍ୱିତୀୟ ବାଗରେ ନୀଳରତନଙ୍କର ଉପର ମହଲାରେ ଶୋଇବା ଘରକୁ ଦେଖାଇଛନ୍ତି । ସମଗ୍ର ଉଚ୍ଚ ଅପଷ୍ଟେଜ ଲେଭେଲଟି ଏହି ଜୋନ ପାଇଁ ବ୍ୟବହୃତ ହୋଇଛି । ସୁକୁମାରଙ୍କର ଅଫିସରୁମର ଦୃଶ୍ୟ ସମୟରେ ଅଫିସ ଟେବୁଲ ଓ ଗୋଟିଏ ଚୌକି ରହିବାର ବ୍ୟବସ୍ଥା କରାଯାଇଛି । ଜୋନ ୩ରେ ସହରତଳିଅଂଚଳର ଦୃଶ୍ୟ ସହିତ ଶ୍ମଶାନର ଦୃଶ୍ୟ ରହିଛି ଓ ଜୋନ୪ରେ ସୁକୁମାରଙ୍କେର ଡ୍ରଇଁରୁମର ଦୃଶ୍ୟ ରହିଛି । ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଜୋନରେ ବିଭିନ୍ନ ଲାଇଟର ବ୍ୟବସ୍ଥା କରାଯାଇଛି । ଏଥିସହିତ ନାଟ୍ୟକାହାଣୀକୁ ସେ ମୁଖ୍ୟତଃ ପ୍ରସ୍ତାବନା, ପ୍ରଥମ ଅଙ୍କ, ଦ୍ୱିତୀୟ ଅଙ୍କ,ଓ ଉପସଂହାର ଏହିପରି ଚାରୋଟି ଅଙ୍କରେ ବିଭକ୍ତ କରି ନାଟକର ପରିସମାପ୍ତି କରିଛନ୍ତି ।

## ॥ ଚାରି ॥

ଏଣୁ ସମଗ୍ର ନାଟକଟିକୁ ଦେଖିଲେ ନାଟ୍ୟକାର ମନୋରଞ୍ଜନ ଦାସଙ୍କର ଏକ ଅଭିନବ ଶୈଳୀପରି ମନେହୁଏ । ସ୍ୱଳ୍ପ ସଂଳାପ ମଧ୍ୟରେ ଅନେକ କଥାର ଯେପରି ବିସ୍ତାରତା ଅନୁଭବ ହୁଏ । ନୀଳରତନ ଓ ବନ୍ଧୁ ଚନ୍ଦ୍ରମୋହନଙ୍କ ମଧ୍ୟରେ କଥୋପକଥନ ସମୟରେ ନୀଳରତନଙ୍କ ଉଚ୍ଚାରିତ ମାଧବଙ୍କ ନାମ ମନର ଅନେକ କୋହଭରା ଅସ୍ପଷ୍ଟ ଯନ୍ତ୍ରଣାର ସ୍ପଷ୍ଟ ସୂଚନା ମିଳେ । ନାଟକରେ କଥାବସ୍ତୁକୁ ସମାନ୍ତରାଳ ଗତିକୁ ବକ୍ରକରି ନାଟକୀୟ ଦ୍ୱନ୍ଦ ଉତ୍କଣ୍ଠା ସୃଷ୍ଟି କରିବା ପାଇଁ ଅବଚେତନ ମନର ବୃତ୍ତାନ୍ତ ମଧ୍ୟ ଏକ ଭିନ୍ନ ଶୈଳୀ । ଏଥିସହିତ ନାଟକରେ ସଙ୍ଗୀତର ପ୍ରୟୋଗ ନକରି କେତେକ ଅସଂଗତିପୂର୍ଣ୍ଣ ଶବ୍ଦର ଉଚ୍ଚାରଣ ବୁଲବୁଲ ମାଧ୍ୟମରେ ଦେଇଛନ୍ତି । ଯାହାକୁ ଠିକ୍ ଆବସର୍ଡ଼ କହିହେବ ନାହିଁ । ବୁଲବୁଲ ଓ ଲୀନା ମଧ୍ୟରେ ସଙ୍ଗୀତର ସ୍ୱର ଏହିପରି ହିହିହି...ହାହାହା...ରିମ୍‌ଝିମ୍...ଟିମ୍‌ସିମ୍‌ସିମ୍ .ସାସାସା...ହିହି..ହାହା । ଏହି ସଙ୍ଗୀତର ଅର୍ଥ ସେମାନଙ୍କୁ ଜଣା, ଏବଂ ଏହି ଅସଲଗ୍ନ, ଛନ୍ଦହୀନ, ତାଳଲୟ ହୀନ, ବେସୁରା ଗାନ ମଧ୍ୟରେ ଘୋଡ଼ାଦୌଡ଼ ଜୀବନର ଅସଲଗ୍ନତାର ପ୍ରତୀକ ପରି ମନେହୁଏ । କିନ୍ତୁ ବୁଲବୁଲ ମତରେ ଏହାର ଅର୍ଥ ତୁମେ ମୁଁ, ମୁଁ ତୁମେ, ଟେବୁଲ୍, ଚୌକି, ବହି,ସମୁଦ୍ର କ୍ଲାସରୁମ.. । ତେଣୁ ପ୍ରକାରନ୍ତରେ ଏହି ଶବ୍ଦର ଅର୍ଥ ସମୂହକୁ ସୂଚୀତ କରେ । ଯେଉଁଠି ମନୁଷ୍ୟ ନିଜର ଜୀବନକୁ ଠିକ୍ ଏଇ ଭାବରେ ନେଇ ବଂଚିଛି । ଯାହାକୁ ବଦଳାଇବା କାହା ପକ୍ଷେ ସମ୍ଭବ ନୁହେଁ । ଯାହାକି ସାମ୍ପ୍ରତିକ ସମାଜର ମାନଦଣ୍ଡ ପାଲଟିଛି । ବ୍ୟକ୍ତି ଏହାରି ଭିତରେ ନିଜକୁ ଆତ୍ମଗୋପନ କରିରଖିଛି ।

ନାଟ୍ୟକାର ଶ୍ରୀ ଦାସଙ୍କ ନାଟକରେ ପ୍ରତୀକ ପ୍ରୟୋଗର ମାତ୍ରା ଯଥେଷ୍ଟ ଅଧିକ । ତାଙ୍କର ପ୍ରତି ନାଟକରେ ସେ କିଛି ନା କିଛି ପ୍ରତୀକ ପ୍ରୟୋଗ କରି ପାଠକ ତଥା ଦର୍ଶକର ବୃଦ୍ଧିର ପରୀକ୍ଷା କରିଥାନ୍ତି । ତାଙ୍କର 'ବନହଂସୀ'ରେ ଅଚଳ ଘଂଟାର ପ୍ରୟୋଗ ସମୟହୀନତା ବ୍ୟବଧାନକୁ ଦେଖାଇଛନ୍ତ । ସେହିପରି 'ଅରଣ୍ୟ ଫସଲ' ନାଟକରେ ଛେଳିର ମେଁ ମେଁ ଶବ୍ଦ ଭିତରେ ବ୍ୟକ୍ତିର ପାଶବିକ ଯୌନକ୍ଷୁଧାର ପ୍ରତୀକ ଦେଖିବାକୁ ମିଳେ । 'ଅମୃତସ୍ୟ ପୁତ୍ର'ରେ ଚଳନ୍ତା ଟ୍ରେନର ପ୍ରତୀକ ଦେଇ ପୁରୁଣାକୁ ଭାଙ୍ଗି ନୂଆ ଗଢିବାର ସୂଚନା ମିଳେ । ସେହିପରି 'ବିତର୍କିତ ଅପରାହ୍ନ' ନାଟକରେ ନାଟ୍ୟକାର ପାରମ୍ପରିକ ମୂଲ୍ୟବୋଧର ମୃତ୍ୟୁ ତଥା ପୁରୁଷାନୁକ୍ରମିକ ବ୍ୟବଧାନର ପ୍ରତୀକକୁ ଦେଖାଇଛନ୍ତି । ମାଧବଙ୍କ ମୂର୍ତ୍ତି ଚୋରି ପାରମ୍ପରିକ ମୂଲ୍ୟବୋଧ ପ୍ରତି ଏକ ଶକ୍ତ ଆଘାତ । ପାଶ୍ଚାତ୍ୟ ଦାର୍ଶନିକ ନିତ୍‌ସେ ଈଶ୍ୱର ମୃତ ଘୋଷଣା କରି ଜନସାଧାରଣଙ୍କ ମନରେ ଥିବା ଆଧାତ୍ମିକ ବିଶ୍ୱାସକୁ ଯେପରି ଠୋକର ଦେଇଥିଲେ ଠିକ୍ ସେହିପରି New Generation ବା ନୂତନ ଯୁବପିଢି ଏହି ଭାବନାରେ ବଶବର୍ତ୍ତୀ । ଯାହାର ଚିତ୍ର ଏହି ନାଟକରେ ଦେଖିବାକୁ ମିଳେ । ଯାହାକୁ ଭାଙ୍ଗିବା ଏତେ ସହଜ ବ୍ୟାପାର ନୁହେଁ । ତେଣୁ ନାଟ୍ୟକାର ଏଥିରେ ପ୍ରତ୍ୟେକ ଚରିତ୍ରକୁ ଗୋଟିଏ ଗୋଟିଏ ପିଢିର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଏମାନେ ସମସ୍ତେ ସଜୀବ ଚରିତ୍ର ମାତ୍ର ମାଧବଙ୍କ ସ୍ୱର୍ଣ୍ଣମୂର୍ତ୍ତି ନିର୍ଜୀବ ଓ ଅଚଳ । ଯାହାର ଅବସ୍ଥିତି ମନରେ ଆଧାତ୍ମିକ ଭାବନାକୁ ଜାଗ୍ରତ କରିଥାଏ । ପୁଣି ତାର ଅନୁପସ୍ଥିତି ସମସ୍ତ ବିଧ୍ୱଂସକୁ ଜନ୍ମ ଦେଇଥାଏ । ତେଣୁ ନାଟକରେ ମାଧବଙ୍କ ସ୍ୱର୍ଣ୍ଣମୂର୍ତ୍ତିକୁ ପାରମ୍ପରିକ ମୂଲ୍ୟବୋଧର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ଏବଂ ପ୍ରତି ପିଢିର ବ୍ୟକ୍ତି ବିଶେଷ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦେଖାଇ ଦିଆଯାଇଛି ।

ପରିଶେଷରେ ଏତିକି କୁହାଯିବ ଯେ ନାଟ୍ୟକାର ମନୋରଞ୍ଜନ ଦାସ ସମସାମୟିକ ସମୟରେ ଜଣେ ସଚେତନ ବ୍ୟକ୍ତିତ୍ୱ । ତାଙ୍କର ନାଟକ ରଚନାର ଶୈଳୀ ନୂତନତାର ପରିପନ୍ଥୀ । ତେଣୁ ଏହି ଭିତ୍ତିରେ ତାଙ୍କ ରଚିତ 'ବିତର୍କିତ ଅପରାହ୍ନ' ନାଟକ କେବଳ Generation Gap ର ପରିଧିରେ ଦଣ୍ଡାୟମାନ ନୁହେଁ ବରଂ ନୈତିକତା ଓ ପ୍ରଚଳିତ

ପାମ୍ପରିକତାର ପତନର ଏକ ବଳିଷ୍ଠ ଉଦାହରଣ । ଯାହାର ସାରତତ୍ତ୍ୱ ସମାଜର ଆଢୁଆଳରୁ ଗ୍ରହଣ କରାଯାଇଛି । ସମ୍ଭ୍ରାନ୍ତ ପରିବାରର ସ୍ୱର୍ଣ୍ଣ କନକଦୁର୍ଗା ମୂର୍ତ୍ତିର ଚୋରି ନାଟ୍ୟକାରଙ୍କ ଚେତନାରେ ଜାଗ୍ରତ ପ୍ରହରୀ ରୂପେ ଏଠାରେ କାର୍ଯ୍ୟ କରିଛି । ଏଣୁ ନାଟ୍ୟକାରଙ୍କର 'ବିତର୍କିତ ଅପରାହ୍ନ' କେବଳ ଅପରାହ୍ନ ପରିଧିରେ ଦଣ୍ଡାୟମାନ ନୁହେଁ ବରଂ ସବୁ ସମୟର । ସମସ୍ତ ପିଢିରେ ଏହି ବିତର୍କିତ ଆତ୍ମାଟି ଦେଖିବାକୁ ମିଳେ । ଯାହାର ସାର ବିବରଣୀ ସମଗ୍ର ନାଟକଟିକୁ ପାଠକଲେ ହୃଦ୍‌ବୋଧ ହୁଏ ।

**ସହାୟକ ଗ୍ରନ୍ଥସୂଚୀ**


- ଦାସ, ଡକ୍ଟର ହେମନ୍ତ କୁମାର, ଓଡ଼ିଆ ନାଟକ ଓ ରଙ୍ଗମଂଚ, ପ୍ରଥମ, ସଂକଳନ-୨୦୦୦, ପୃ-୧୯୩/୯୪
- ଦାସ, ଡକ୍ଟର ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ଦିତୀୟ ସଂ-୨୦୧୧, ପୃ-୩୯ ।
- ଦାସ, ମନୋରଞ୍ଜନ, କିଂଚିତ, ବିତର୍କିତ ଅପରାହ୍ନ, ତୃତୀୟ ସଂ-୧୯୯୧ ।


❖ ❖ ❖